# ତହସିଲ କାର୍ଯ୍ୟାଳୟ,ଘଷିପୁରା

## ଲଘୁ ଖଣିଜ ଉତ୍ସ ଦୀର୍ଘମିଆଦି ଲିଜ ନିଲାମ ଇସ୍ତାହାର

ପତ୍ରସଂଖ୍ୟା. 874 ତା.06.03.2020

ଏତଦ୍ବାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ ଓଡିଶା ସରକାର ଙ୍କ ରାଜସ୍ବ ବିଭାଗ ଅଧିନସ୍ଥ ଘଷିପୁରା ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ସମ୍ପଦ ଖାଦାନ ଗୁଡିକ ଆଗାମୀ ୫ (ପାଞ୍ଚ) ବର୍ଷ(୨୦୨୦-୨୧ ବର୍ଷ ଠାରୁ ୨୦୨୪-୨୫) ନିମନ୍ତେ ଲିଜ ନିମନ୍ତେ ଦରଖାସ୍ତ ଆହ୍ବାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule– 2016 ର from "M " ପୂରଣ କରି ଏହାର 3 କପି ସହ ନିମ୍ନ ଲିଖିତ ଦସ୍ତାବିତ ସଂଲଗ୍ନ କରି sealed cover ରେ ତହସିଲଦାର, ଘଷିପୁରା ଙ୍କ କାର୍ଯ୍ୟାଳୟ ରେ ଥିବା Drop Box ରେ ବିଜ୍ଞାପନ ପ୍ରକାଶ ଦିନ ଠାରୁ ତା 20.03.2020 ରିଖ ଅପରାହଣ ୫.୩୦ ଘଟିକା ପର୍ଯ୍ୟନ୍ତ ପକାଇ ପାରିବେ (ଛୁଟିଦିନ ବ୍ୟତୀତ) ଯାହାକି ନିମ୍ନ ନିର୍ଦ୍ଧାରିତ ସ୍ଥାନ, ତାରିଖ ଓ ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରତିନିଧି ଉପସ୍ଥିତିରେ ତନଖି କରାଯିବ । ଯେଉଁ ସୈରାତ ଉତ୍ସଗୁଡିକ ପାଇଁ ପ୍ରଥମ ତାରିଖରେ କୌଣସି ଦରଖାସ୍ତ ମିଳିନଥିବ ସେହି ଉତ୍ସପାଇଁ ପରବର୍ତ୍ତୀ ନିଲାମ ତାରିଖ ର ପୂର୍ବ ଦିବସ ଅପରାହଣ ୫.୩୦ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣ କରାଯିବ ଓ ଧାର୍ଯ୍ୟ ସମୟରେ ପୂର୍ବପରି ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ତନଖି କରାଯିବ । ଧାର୍ଯ୍ୟ ତାରିଖ ଅତିବାହିତ ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । କୌଣସି କାରଣ ନ ଦର୍ଶାଇ ଉକ୍ତ ନିଲାମକୁ ସଂଶୋଧନ, ଖାରଜ କିମ୍ବା ସ୍ଥଗିତ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, କେନ୍ଦୁଝରଙ୍କ ର ରହିଅଛି । ଉତ୍ସଗୁଡିକର ବିବରଣୀ ଦରଖାସ୍ତ କରିବାର ନିୟମାବଳୀ ଓ ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତବଳି କେନ୍ଦୁଝର ଜିଲ୍ଲା Web site , www.kendujhar.nic.in ଅଧିନରେ ଉପଲବ୍ଧ ହେବ ଓ ଅନ୍ୟ କୌଣସି ତଥ୍ୟ ଜାଣିବାପାଇଁ ଇଚ୍ଛୁକ ବ୍ୟକ୍ତି ଘଷିପୁରା ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଧାର୍ଯ୍ୟ ତାରିଖ ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରିବେ ।

**ଦୀର୍ଘମିଆଦି ଲିଜ ନିମନ୍ତେ ନିଲାମ ପର୍ଯ୍ୟାୟ**

ନିଲାମ ସ୍ଥାନ- ଘଷିପୁରା ତହସିଲ କାର୍ଯ୍ୟାଳୟ

ନିଲାମ ତାରିଖ ଓ ସମୟ –

୧ ମ ପର୍ଯ୍ୟାୟ ୨୧.୦୩.୨୦୨୦ ପୂର୍ବାହ୍ନ ୧୦.୩୦ ଘଟିକା

୨ ୟ ପର୍ଯ୍ୟାୟ ୨୫.୦୩.୨୦୨୦ ପୂର୍ବାହ୍ନ ୧୦.୩୦ ଘଟିକା

୩ ୟ ପର୍ଯ୍ୟାୟ ୩୦.୦୩.୨୦୨୦ ପୂର୍ବାହ୍ନ ୧୦.୩୦ ଘଟିକା

**ଦରଖାସ୍ତ ସହିତ ଆବଶ୍ୟକୀୟ ଦସ୍ତାବୀଜ:**

୧. **ଆଶାୟୀ ନିଲାମଦାର** ଦରଖାସ୍ତ ପାଉଣା ବାବଦ ଟ ୧୦୦୦ ଟଙ୍କା (ଅଣଫେରସ୍ତ)ର ଟ୍ରେଜରି ଚାଲାଣ (Head of Account -0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties) ଦରଖାସ୍ତ ସହିତ ସଂଲଗ୍ନ କରିବେ ।.

୨. ଆବେଦନ କରିଥିବା ସୈରାତ ଉସ୍ତ ର ତଫସିଲ ସହ ଚୌହଦି ର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା (ସମ୍ପୃକ୍ତ ସୈରାତ ଉସ୍ତ କୁ ପରିଦର୍ଶନକରି ତହସିଲ କାର୍ଯ୍ୟାଳୟ ଦ୍ଵାରା ପ୍ରସ୍ତୁତ ନକ୍ସା ସହିତ ମେଳ କରି ) ଦରଖାସ୍ତ ସହିତ ସଂଲଗ୍ନ କରିବେ ।

୩. ଆବେଦନକାରି, ରୟାଲଟି ଓ ଅତିରିକ୍ତ ଦେୟ ବାବଦକୁ ଶତକଡା 5% ହାରରେ ବାର୍ଷିକ ଆକଳନ କରାଯାଇଥିବା ଲଘୁ ଖଣିଜ ସମ୍ପଦର ପରିମାଣ ଉପରେ ଦେୟର ଅମାନତ ରାଶିର ପ୍ରମାଣ ସ୍ୱରୂପ Demand Draft ଦରଖାସ୍ତ ସହିତ ସଂଲଗ୍ନ କରିବେ ।

୪. ସୈରାତ ଉସ୍ତ ବାବଦ କୌଣସି ବକେୟା ଅର୍ଥ ନଥିବା ସମ୍ବଧୀୟ ସତ୍ୟପାଠ।

୫. ରାଜସ୍ୱ ଅଧିକାରୀ ଙ୍କ ଠାରୁ ପ୍ରାପ୍ତ Solvency Certificate କିମ୍ବା 18 ମାସ ଅବଧି ଥିବା ବ୍ୟାଙ୍କ ଗ୍ୟାରେଣ୍ଟୀ ଯାହାର ମୂଲ୍ୟ ବାର୍ଷିକ ସର୍ବନିମ୍ନ ଆକଳନ ଓ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ ରୟାଲଟି ଓ ପ୍ରଦାନ କରୁଥିବା ଅତିରିକ୍ତ ଦେୟ ର ମୂଲ୍ୟ ଠାରୁ କମ ହୋଇନଥିବ ।

୬. ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ବିବରଣୀ ତଥା ବୈଷୟିକ ଜ୍ଞାନ ଦକ୍ଷତା, ଉପଲବଧି ଥିବା ଯନ୍ତ୍ରପାତି , ସ୍ଥାବର ସମ୍ପତ୍ତି ଓ ଆର୍ଥିକ ବ୍ୟବସ୍ଥା ବାବଦରେ ତଥ୍ୟ।

## ବିଶେଷ ସର୍ତ୍ତାବଳୀ

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟାମାବଳୀ ୨୦୧୬, ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟାମାବଳୀ, ୨୦୧୭ ଓ Manual of Tahsil Account ର ପରିସର ଭୁକ୍ତ ରହିବା

୨.ପ୍ରଚଳିତ ନିୟମାବଳୀ ଅନୁଯାୟୀ ସୈରାତ ଉସ୍ତର ଅତିରିକ୍ତ ଦେୟ ଧାର୍ଯ୍ୟ କରାଯାଇଛି । ଏହି ଅତିରିକ୍ତ ଦେୟ ନୀଲାମଧାରୀ ଉସ୍ତଟିକୁ କେତେରେ ନେବାକୁ ଚାହୁଁଛନ୍ତି ଦରଖାସ୍ତରେ ଉଲ୍ଲେଖ କରିବେ । ସର୍ବୋଚ୍ଚ ଅତିରିକ୍ତ ଦେୟ ଦର୍ଶାଇ ଥିବା ନିଲାମଧାରୀଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

ଯଦି ଏକ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ ଅତିରିକ୍ତ ଦେୟ ଦର୍ଶାଇଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀ ଚୟନକରାଯିବ ।

୩. ଯଦି ଦରଖାସ୍ତକରି ଧାର୍ଯ୍ୟ ଅତିରିକ୍ତ ଦେୟ ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତ କୁ ବିଚାରକୁ ନିଆଯିବ ନହିଁ ।

୪. ଚୟନ ହୋଇଥିବା ଲିଜଧାରି ଙ୍କୁ ଚୟନ ହେବାର ୭ ଦିନ ମଧ୍ୟ ରେ ଫର୍ମ "F" ରେ ସୂଚନା ଦିଆଯିବ ଏବଂ ସେ ଏହାର ୧୫ଦିନ ମଧ୍ୟରେ ସେହି ଉସ୍ତ ପାଇଁ ସ୍ଥିରୀକୃତ Security Money Deposit କରିବେ ।

୫. ଯଦି ସର୍ବୋଚ୍ଚ ନୀଲାମଧାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ Security Money Deposit କରିବାରେ ଖିଲାପ କରନ୍ତି ତାହେଲେ କେବଳ ଦ୍ୱିତୀୟ ସର୍ବୋଚ୍ଚ ନୀଲାମାଧରୀ ଙ୍କୁ ସୁଯୋଗ ଦିଆଯିବ ।

୬. ଯଦି ଦ୍ୱିତୀୟ ସର୍ବୋଚ ନିଲାମଧାରୀ ପ୍ରଥମ ସର୍ବୋଚ ନିଲାମଧାରୀ ଙ୍କ ଠାରୁ ଅକଳ୍ପନୀୟ କମ ଅତିରିକ୍ତ ଦେୟ ଦର୍ଶାଇଥାନ୍ତି ତେବେ କ୍ଷମତା ପ୍ରାପ୍ତ ଅଧିକାରୀ ଜିଲ୍ଲାପାଳ ଙ୍କ ଅନୁମୋଦନ କ୍ରମେ ଉକ୍ତ ଲିଜ କୁ ଖାରଜ କରି Fresh Auction କରାଇପାରନ୍ତି ।

୭. ଯଦି ଦ୍ୱିତୀୟ ସର୍ବୋଚ ନିଲାମଧାରୀ ସ୍ଥିରୀକୃତ ସମୟ ସୀମା ମଧ୍ୟରେ ଲିଜ ନିମନ୍ତେ ନିଜ ର ସମ୍ମତି ପ୍ରଦାନ ନ କରନ୍ତି ତେବେ କ୍ଷମତା ପ୍ରାପ୍ତ ଅଧିକାରୀ , ପରବର୍ତ୍ତୀ ଉପରିସ୍ଥ ଅଧିକାରୀ ଙ୍କ ଅନୁମୋଦନ କ୍ରମେ ଉକ୍ତ ଉତ୍ସନିମନ୍ତେ Fresh Auction କରାଇପାରନ୍ତି

୮. ଲିଜଧାରି ଚୟନ ର ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ଅନ୍ୟ ଆବେଦନକରି ଙ୍କ ଅମାନତ ରାଶି ର Demand Draft ଓ Bank Guarantee ଯଦି କିଛି ଥାଏ ତାହା ଫେରସ୍ତ କରାଯିବ ।

୯. ଯଦି ଏହି ସଇରାତ ଉତ୍ସର Mining Plan ଅନୁମୋଦନ ଓ ପରିବେଶ ମଞ୍ଜୁରୀ କ୍ଷମତା ପନ୍ନ ଅଧିକାରୀ ଦ୍ୱାରା ସଂପୂର୍ଣ୍ଣ କରାଯାଇ ଥାଏ ତେବେ ଉକ୍ତ ଖର୍ଚ ରାଶି ଲିଜଧାରୀ ଚୁକ୍ତିପତ୍ର (Lease Deed) ସମ୍ପାଦନ ପୂର୍ବ ରୁ ଅଫିସ ରେ ଦାଖଲ କରିବେ (ଅଣଫେରସ୍ତ)। ଯଦି ଏହି କାର୍ଯ୍ୟ ପୂର୍ବରୁ କରାଯାଇ ନଥାଏ ତେବେ ଲିଜଧାରୀ ନିଜ ଖର୍ଚ ରେ ଅନୁମୋଦିତ Mining Plan ,ପରିବେଶ ମଞ୍ଜୁରୀ ଏବଂ ଓଡିଶା ସରକାର ଙ୍କ Pollution Control Board ରୁ CTE ଓ CTO ଆଣି ଦାଖଲ କରିବେ ।

ସେହି ଆର୍ଥିକ ବର୍ଷ ପାଇଁ ଡାକିଥିବା ଅତିରିକ୍ତ ଦେୟ , ଅନୁମୋଦିତ Mining Plan ଧାର୍ଯ୍ୟ ଗଚ୍ଛିତ ଖଣିଜ ଦ୍ରବ୍ୟ ର ରୟାଲଟି ,District Mineral Foundation, E.M.F , IT ର ଦେୟ ପଇଠ ହେଲା ପରେ ରେଜିଷ୍ଟ୍ରେଶନ Act.1908 ଓ ଷ୍ଟାମ୍ପ Act 1899 ଅନୁଯାଇ ଚୁକ୍ତିପତ୍ର (Lease Deed) ସମ୍ପାଦନ କରିବାପରେ ଉତ୍ସ ପରିଚାଳନା କରିବାକୁ ଯୋଗ୍ୟ ବିବେଚିତ ହେବେ ।

୧୦. ଯଦି ନୀଲାମଧାରୀ ନିଧାରିତ ସମୟରେ ଅଧିକୃତ ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ Mining Plan ( in From "O" ) ଓ ପରିବେଶ ମଞ୍ଜୁରୀ ସମ୍ବଧୀୟ କାଗଜପତ୍ର ଦାଖଲ ନ କରନ୍ତି ତେବେ ଆଇନି ଅନୁଯାଇ ପରବର୍ତ୍ତୀ ପଦେକ୍ଷେପ ଗ୍ରହଣ କରାଯିବ ।

୧୧ . ନିଲାମଧାରୀ OMMC Rule- 2016 , 2017 ଓ 2018 ର ସମସ୍ତ ସର୍ତ୍ତାବଳି ମାନିବା ନିମନ୍ତେ ବାଧ ହେବେ । ସର୍ବୋଚ୍ଚ ନିଲାମଧାରୀଙ୍କ ଦ୍ୱାରା ମୂଲ୍ୟଙ୍କ ହୋଇଥିବା ରୟାଲଟିରେ ଯଦି ଚୁକ୍ତିପତ୍ର ସମ୍ପାଦନା ଅବଧି ଭିତରେ କୌଣସି ବୃଦ୍ଧି ଘଟିଥିଲେ ତେବେ ଏହା ତାଙ୍କ ପାଇଁ ଲାଗୁ ହେବ ।

୧୨ . ଲିଜଧାରୀ ଜମା ଦେୟର 2% ଆୟକର(T.D.S) ବାବଦ କୁ ଚାଲାଣ ଆକାରରେ ଜମାକରିବେ ଏବଂ ରୟାଲଟି ର 10 % ଜିଲ୍ଲା ଖଣିଜ ପାଣ୍ଠି ଓ ଶତକଡା ୫ ଭାଗ ଅର୍ଥ, ପରିବେଶ ପରିଚାଳନା ପାଣ୍ଠି ଙ୍କୁ ଦେୟ ରୂପେ ପଇଠ କରିବାକୁ ପଡିବ ।

୧୩. ଲିଜଧାରି ଲିଜ ଅବଧି ମଧ୍ୟରେ ପରବର୍ତ୍ତୀ ବର୍ଷ ଗୁଡିକ ପାଇଁ ବାର୍ଷିକ ସମସ୍ତ (ଯଥା ରୟାଲଟି, ଅତିରିକ୍ତ ଦେୟ ଓ ଅନ୍ୟନ୍ୟ ଲିଜ ଦେୟ ) ବର୍ଷ ଆରମ୍ଭରୁ ପଇଠ କରିବେ ।

୧୪. ଲିଜ ଚୁକ୍ତିନାମା ସମ୍ପାଦନା ପରେ ଧାର୍ଯ୍ୟ ଅବଧି ଶେଷ ମଧ୍ୟରେ ଯଦି ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥିରୀକୃତି ଅନୁସୂଚି ୨ (Schedule –II) ଉଲ୍ଲିଖିତ ଲଘୁ ଖଣିଜ ଦ୍ରବ୍ୟର ଦର ବୃଦ୍ଧି ଘଟେ ତାହେଲେ ଲିଜଧାରୀ ଦରବୃଦ୍ଧି ଅନୁଯାୟୀ ରୟାଲଟି ଦରବୃଦ୍ଧି ତାରିଖ ଠାରୁ ପଇଠ କରିବେ।

୧୫. ଲିଜରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ଉତ୍ସଗୁଡିକ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ ନେବା ପରେ ଉତ୍ସର ପରିଚାଳନା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ । ଲଘୁଖଣିଜ ପଦାର୍ଥଉତ୍ସର ପରିଚାଳନା ସମ୍ପର୍କରେ ପ୍ରକୃତିକ ବିପର୍ଜୟ ଦ୍ୱାରା କ୍ଷୟକ୍ଷତି ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନହିଁ ।

୧୬. ଲିଜ ପ୍ରଦାନ ପରେ ସଇରାତ ଉତ୍ସର କ୍ଷେତ୍ର ପରିବର୍ତ୍ତନ କରାଯାଇ ପାରିବ ନହିଁ ।

୧୭. ସର୍ବୋଚ୍ଚ ଦରର ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଲିଜଧାରୀ ଯଦି ସମସ୍ତ ଦେୟ ଟଙ୍କା ଜମା କରିବା ପରେ ବା ଲିଜ ଚୁକ୍ତିନାମା ସମ୍ପାଦନା କରିବା ପରେ ମୃତ୍ୟୁବରଣ କରନ୍ତି ତେବେ ଉକ୍ତ ଜମା ଚୁକ୍ତିନାମା ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ସମ୍ପାଦିତ ହୋଇଛି ବୋଲି ଧରି ନିଆଯିବ ।

୧୮. ଲିଜଧାରି ନିଜ ଦାୟିତ୍ୱରେ ପରିବେଶ ପରିଚାଳନା ଯୋଜନା କାର୍ଯ୍ୟକାରୀ କରିବେ।

୧୯. ବାଲି ନିଲାମଧାରୀ ନଦୀ ଶଯ୍ୟାର ୩ ମିଟର ଗଭୀରତା ଓ ଜଳସ୍ତର ମଧ୍ୟରୁ ଯେଉଁଟି କମ ସେହି ଗଭୀରତାରୁ ଅଧିକ କିମ୍ବା ଦାୟିତ୍ୱରେ ଥିବା ଯନ୍ତ୍ରୀ ଙ୍କ ନିର୍ଦ୍ଧାରିତ ସର୍ତ୍ତ ବ୍ୟତିକ୍ରମ କରି ବାଲି ଖନନ କରିପାରିବେ ନାହିଁ ।

୨୦ . ଏତତ ବ୍ୟତିତ ଅତିରିକ୍ତ ମୂଲ୍ୟ ବାବଦ କୌଣସି ନିର୍ଦ୍ଦେଶନାମା ଉଚ୍ଚ କର୍ତ୍ତୃପକ୍ଷଙ୍କ ଠାରୁ ହସ୍ତଗତ ହୁଏ ତେବେ ଲିଜଧାରୀ ତାହା ମାନିବାକୁ ବାଧ ହେବେ ।

୨୧. ସମ୍ବାଦପତ୍ର ରେ ବିଜ୍ଞପ୍ତି ପ୍ରକାଶନର ସମସ୍ତ ଖର୍ଚ୍ଚ ସର୍ବୋଚ ନିଲାମଧାରୀ ବହନ କରିବେ ।ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତିତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ । ଯଦି ଉକ୍ତ ଇସ୍ତାହାର ରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା ଅଧିକାରୀଙ୍କର ଅଛି ।

# ସୈରାତ ଉତ୍ସଗୁଡିକର ବିବରଣୀ

| କ୍ରମିକ ସଂଖ୍ୟା | କେଶ ନ | ଲଘୁଖଣିଜାତ ଉତ୍ସ ନାମ | ମୌଜା | ଖାତା | ପ୍ଲଟ | ରକବା (ଏକରରେ) | ସର୍ବନିମ୍ନ ବାର୍ଷିକ ଗଚ୍ଛିତ ଥିବା ଖଣିଜ ପଦାର୍ଥର ପରିମାଣ (ଆନୁଷଙ୍ଗିକ) | ରୟାଲଟି ର ମୂଲ୍ୟ(ଘ. ମି ) | ଅତିରିକ୍ତ ଦେୟ |
|---|---|---|---|---|---|---|---|---|---|
| ୧ | ୧/୨୦୧୯-୨୦ | ରେମାଳ ନଦୀ ବାଲି ଶଯ୍ୟା | ଖଇଲୋ | ୨୧୬ | ୪୨୦<br>୩୫୮ | ୬.୦୦<br>୫.୫୦ | ୨୪୭୨ | ୩୫/- | ୧.୭୫ /- |
| ୨ | ୨/ ୨୦୧୯-୨୦ | ରେମାଳ ନଦୀ ବାଲି ଶଯ୍ୟା | କାଠପାଳ to ଦରଡିପାଳ | ୨୦୫ | ୫୫୦<br>୮୯୨/୧<br>୨୪୫ | ୧.୯୪<br>୫.୬୬<br>୪.୯୦ | ୩୦୯୦ | ୩୫/- | ୧.୭୫ /- |
| ୩ | ୩/ ୨୦୧୯-୨୦ | ରେମାଳ ନଦୀ ବାଲି ଶଯ୍ୟା | ଅଁଳାପାଳ | ୧୧୫ | ୨୨୯ | ୨.୦୦ | ୨୧୪୨ | ୩୫/- | ୧.୭୫ /- |
| ୪ | ୪/ ୨୦୧୯-୨୦ | ସେଣ୍ଡେଇନଦୀ ବାଲି ଶଯ୍ୟା | ବସନ୍ତପୁରା | ୬୨୦ | ୪୦୫୧ | ୯.୯୮ | ୨୧୯୦ | ୩୫/- | ୧.୭୫ /- |
| ୫ | ୫/ ୨୦୧୯-୨୦ | ବସନ୍ତପୁରା ପଥର ଖଣି | ବସନ୍ତପୁରା | ୬୨୦ | ୬୨୮ | ୧.୭୨ | ୫୦୦ | ୧୩୦/- | ୬.୫୦/- |
| ୬ | ୬/ ୨୦୧୯-୨୦ | ପଟିଲୋ ମାଙ୍କଡା ପଥର ଖଣି | ପଟିଲୋ | ୧୯୦ | ୧୫୫୧<br>୧୫୬୩ | ୧.୯୪<br>୧.୨୬ | ୮୦୦ | ୧୮୦/- | ୯/- |
| ୭ | ୭/ ୨୦୧୯-୨୦ | ଓସ୍ତପୁରା ପଥର ଖଣି | ଓସ୍ତପୁରା | ୧୬୯ | ୯୦୫/୧ | ୧୩.୦୦ | ୮୧୮୩୭ | ୧୩୦/- | ୬.୫୦/- |
| ୮ | ୮/ ୨୦୧୯-୨୦ | ଢେନପଦା ମାଙ୍କଡା ପଥର ଖଣି | ଢେନପଦା | ୫୧ | ୮ | ୧୨.୩୫ | ୮୪୭୪ | ୧୮୦/- | ୯/- |

ତହସିଲଦାର, ଘଷିପୁରା

ପରିପତ୍ର ସଂଖ୍ୟା ତାରିଖ

ଉକ୍ତ ନୋଟିସର ଏକକିତା ନକଲ ଜିଲ୍ଲାପାଳ,କେନ୍ଦୁଝର/ଉପଜିଲ୍ଲା ପାଳ ଆନନ୍ଦପୁର/ D.I.O,NIC, Keonjhar ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଘଷିପୁରା

ପରିପତ୍ର ସଂଖ୍ୟା ତାରିଖ

ଉକ୍ତ ନୋଟିସର ଏକକିତା ନକଲ ନିର୍ବାହୀ ଯନ୍ତ୍ରୀ , ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଆନନ୍ଦପୁର / ନିର୍ବାହୀ ଯନ୍ତ୍ରୀ , ବୈତରଣୀ ବ୍ୟରେଜେ ପ୍ରକଳ୍ପ, ଆନନ୍ଦପୁର / ନିର୍ବାହୀ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଆନନ୍ଦପୁର / ନିର୍ବାହୀ ଅଧିକାରୀ , ଆନନ୍ଦପୁର ପୌର ପରିଷଦ /ତହସିଲଦାର ଆନନ୍ଦପୁର /ତହସିଲଦାର ହାଟଡ଼ିହି ,/ଗୋଷ୍ଠୀ ଉନ୍ନୟନ ଅଧିକାରୀ , ଘଷିପୁରା /ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆନନ୍ଦପୁର /ଗୋଷ୍ଠୀ ଉନ୍ନୟନ ଅଧିକାରୀ ହାଟଡ଼ିହି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

Sd/-

ତହସିଲଦାର, ଘଷିପୁରା

ପରିପତ୍ର ସଂଖ୍ୟା ତାରିଖ

ଉକ୍ତ ନୋଟିସର ଏକକିତା ନକଲ ଅତ୍ର ତହସିଲର ସମସ୍ତ ରାଜସ୍ୱ ନିରୀକ୍ଷକ/ସମ୍ପୃକ୍ତ ଗ୍ରାମପଞ୍ଚାୟତର ସରପଞ୍ଚ ଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯିବା ସହିତ ଯେପରି ଆଗ୍ରହୀ ବ୍ୟକ୍ତି ବିଶେଷ / ଅନୁଷ୍ଠାନ ଆଦି ନିର୍ଦ୍ଧାରିତ ସମୟରେ ନିଲାମ ଭାଗ ନେବେ ସେଥିପ୍ରତି ପଦକ୍ଷପ ନେବାକୁ ନିର୍ଦ୍ଦେଶ ଦିଆଗଲା ।ଅତ୍ର ତହସିଲ ନୋଟିସ ବୋର୍ଡ କୁ ନୋଟିସ ର ଏକକିତା ନକଲ ସର୍ବସାଧାରଣ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

Sd/-

ତହସିଲଦାର, ଘଷିପୁରା